No. of Printed Pages : 20 **FST-01**

# Bachelor Degree Programme (BDP)

## Term End Examination, December, 2024

## FOUNDATION COURSE IN SCIENCE & TECHNOLOGY

*Time : 3 Hours* *Maximum Marks : 100*

ମୁଦ୍ରଣ ପୃଷ୍ଠା ସଂଖ୍ୟା : 20 **FST-01**

## ବାଚ୍‌ଲୋର୍ ଡିଗ୍ରୀ ପ୍ରୋଗ୍ରାମ୍ (BDP)

## ଟର୍ମ-ସମାପ୍ତି ପରୀକ୍ଷା ଡିସେମ୍ବର, 2024

## କଳା ଏବଂ ସାମାଜିକ ବିଜ୍ଞାନରେ ଫାଉଣ୍ଡେସନ୍ କୋର୍ସ

*ସମୟ* : **3** ଘଣ୍ଟା *ସର୍ବାଧିକ ମାର୍କ* : **100**

---

### ସାଧାରଣ ନିର୍ଦ୍ଦେଶାବଳୀ

1. ସମସ୍ତ ପ୍ରଶ୍ନଗୁଡିକ ବାଧ୍ୟତାମୂଳକ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ *1* ।
2. ପରୀକ୍ଷାହଲ୍ ଭିତରକୁ ସେଲ୍ ଫୋନ୍, କାଲ୍‌କୁଲେଟର୍, ବୁକ୍, ସ୍ଲାଇଡ୍ ରୁଲ୍‌ସ୍, ନୋଟ୍‌ବୁକ୍ କିମ୍ବା ଲେଖାଥିବା ନୋଟ୍ ଇତ୍ୟାଦି କିଛି ନିଆଯିବାର ଅନୁମତି ନାହିଁ ।
3. ପରୀକ୍ଷା ସ୍ଥଳରେ କେନ୍ଦ୍ରୀୟ ସୁପରିଟେଣ୍ଡେଣ୍ଟଙ୍କ ଏବଂ ନିରିକ୍ଷକଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାବଳୀ ଅନୁସରଣ କରିବା ଉଚିତ୍ । ଯଦି ଆପଣ ନିର୍ଦ୍ଦେଶାବଳୀର ଅବମାନନା କଲେ, ଆପଣଙ୍କୁ ଅଣଯୋଗ୍ୟତାପ୍ରାପ୍ତ କରାଯିବ ।
4. କୌଣସି ପରୀକ୍ଷାର୍ଥୀ ପରୀକ୍ଷାରେ କପି କରିବା, କପି ନେବା କିମ୍ବା ଗ୍ରହଣ କରିବାରେ ସହାୟତା କରିବାରେ ଦେଖାଦେଲେ ତାଙ୍କୁ ଯୋଗ୍ୟତା ସଂପନ୍ନ କରାଯିବ ନାହିଁ ।

5. ପ୍ରଶ୍ନ ପତ୍ର ଏବଂ **OMR** ଉତ୍ତର ସିଟ୍ (ଉତ୍ତର ପତ୍ରିକା) ଆପଣଙ୍କୁ ନିରିକ୍ଷକଙ୍କ ଦ୍ୱାରା ଦିଆଯିବ । ପରୀକ୍ଷା ଶେଷ ହେବା କ୍ଷଣି, ପରୀକ୍ଷା ହଲ୍ ଛାଡିବା ପୂର୍ବରୁ ଆପଣ **OMR** ଉତ୍ତର ସିଟ୍‌କୁ ନିରିକ୍ଷକଙ୍କୁ ପ୍ରଦାନ କରିବେ । **OMR** ଉତ୍ତର ସିଟ୍ ପ୍ରଦାନ କରି ନଥିବା କୌଣସି ପରୀକ୍ଷାର୍ଥୀଙ୍କୁ ଯୋଗ୍ୟତା ସଂପନ୍ନ କରାଯିବ ନାହିଁ ଏବଂ ୟୁନିଭରସିଟି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଜାରି ରଖିବ ।

6. ସମସ୍ତ ରଫ୍ କାର୍ଯ୍ୟ ପ୍ରଶ୍ନ ପତ୍ର ଉପରେ ହିଁ କରାଯିବ ଏବଂ ଅନ୍ୟ କୌଣସି କାଗଜ ଉପରେ ନୁହେଁ । ସ୍କ୍ରାପ୍ ପେପର୍ ନେବାର ଅନୁମତି ନାହିଁ ।ଉତ୍ତର ବାହାର କରିବା ପାଇଁ ଆପଣ ମାର୍ଜିନ୍‌ରେ କାର୍ଯ୍ୟ କରିପାରିବେ, କିଛି ଚିହ୍ନ ହେଇ କିମ୍ବା ତଳେ ଗାର ଦେଇ ଟେଷ୍ଟ ବୁକ୍‌ଲେଟ୍‌ରେ କରିପାରନ୍ତି ।

7. ଯେ କୌଣସି ପରୀକ୍ଷାର୍ଥୀ କୌଣସି ପ୍ରକାର ତୃଟିପୂର୍ଣ୍ଣ କାର୍ଯ୍ୟକଲେ କିମ୍ବା କୌଣସି ପ୍ରକାର ଭୁଲ୍ ମାଧ୍ୟମର ପ୍ରୟୋଗ କଲେ ସେମାନଙ୍କର ଫଳାଫଳକୁ ରଦ୍ଦ କରିଦେବାର ଅଧିକାର ୟୁନିଭରସିଟି ଉପରେ ଅଧିକାର ସଂରକ୍ଷିତ ଅଛି । ଆଉ ମଧ୍ୟ ୟୁନିଭରସିଟି ସମସ୍ତ ପରୀକ୍ଷାର୍ଥୀଙ୍କ ସ୍କୋର୍ ସମାନ ଭାବରେ ବୈଧତା ଯାଞ୍ଚ କରିବାର ପ୍ରଣାଳୀ ଅବଲମ୍ବନ କରିପାରିବେ । ଯଦି କୌଣସି ପ୍ରକାର ସନ୍ଦେହର ସଂକେତ ଦେଖାଦେଲେ ଆପଣ ପରଫରମାନ୍‌ସ୍ ଜେନ୍ୟୁଇନ୍ ବୋଲି ମାନି ନିଆଯିବ ନାହିଁ । ୟୁନିଭରସିଟି ଆପଣ ଫଳାଫଳକୁ ବାତିଲ୍ କରିପାରନ୍ତି ।

# OMR (ଓଏମ୍ଆର୍) ଉତ୍ତର ସିଟ୍ ଉପରେ କିପରି ସୂଚନା ପୂରଣ କରିବାକୁ ହେବ

## (ପରୀକ୍ଷା ଉତ୍ତର ସିଟ୍)

1. ଆପଣଙ୍କର ପୁରା 9 ଅକ୍ଷର ବିଶିଷ୍ଟ ନାମାଙ୍କନ ନମ୍ବର ଲେଖନ୍ତୁ । **OMR** ଉତ୍ତର ସିଟ୍ ଆପଣଙ୍କ ଦ୍ୱାରା ଦିଆଯାଇଥିବା ନାମାଙ୍କନ ନମ୍ବରକୁ ସଠିକ୍ ବୋଲି ଧରି ନିଆଯିବ । ଆଉ ଆପଣଙ୍କ ସଠିକ ନାମ, ଠିକଣା ପିନ୍ ସହିତ ଦିଆଯାଇଥିବା ସ୍ଥାନରେ ଲେଖନ୍ତୁ ।ତାରିଖ ସହ ଆପଣ **OMR (ଓଏମ୍ଆର୍)** ଉତ୍ତର ସିଟ୍ ଉପରେ ଦସ୍ତଖତ କରନ୍ତୁ । ସୁନିଶ୍ଚିତ ହୁଅନ୍ତୁ ଯେ, ଆପଣଙ୍କ ପରୀକ୍ଷା ହଲ୍‌ର ନିରିକ୍ଷକ ତାରିକ ସହ ତାଙ୍କ ଦସ୍ତଖତ **OMR** ଉତ୍ତର ସିଟ୍ ଉପରେ ଦିଆଯାଇଥିବା ସ୍ଥାନରେ ଦେଇଛନ୍ତି ।
2. **OMR (ଓଏମ୍ଆର୍)** ଉତ୍ତର ସିଟ୍ ଉପରେ ଛାତ୍ରଛାତ୍ରୀମାନଙ୍କ ବିବରଣୀ ବ୍ଲୁ/ବ୍ଲାକ୍ ବଲ୍ ପେନ୍‌ରେ ହିଁ ପୁରଣ କରିବେ । ନାମାଙ୍କନ ନମ୍ବର ଏବଂ ପରୀକ୍ଷା କେନ୍ଦ୍ର କୋଡ୍ ସହିତ ପ୍ରଶ୍ନର ବିପରିତ ପାଖରେ ଦିଆଯାଇଥିବା ସଠିକ୍ ଉତ୍ତର ହେତୁ ସେଠାରେ ଥିବା ବୃତ୍ତରେ ବ୍ଲାକେନିଙ୍ଗ୍ କରିବା ପାଇଁ ବ୍ଲୁ/ବ୍ଲାକ୍ ବଲ୍ ପେନ୍ ହିଁ ବ୍ୟବହାର କରିବେ ।
3. ଏହି ସିଟ୍ କୌଣସି ପ୍ରକାର ଗାର ମାରନ୍ତୁ ନାହିଁ ।
4. ନାମାଙ୍କନ ନମ୍ବର ଏବଂ ପରୀକ୍ଷା କେନ୍ଦ୍ର କୋଡ୍ କଲମ୍‌ରେ ସଠିକ୍ ସୂଚନା ସାଙ୍କିକ ଭାବରେ ଲେଖନ୍ତୁ । ତା ସହିତ ଦିଆଯାଇଥିବା ବୃତ୍ତଟି ଗାଢ଼ା କଳା ଏବଂ ସଂପୂର୍ଣ୍ଣ ଭାବରେ ପୁରଣ ହୋଇଥିବା ଆବଶ୍ୟକ ।
5. ପ୍ରତ୍ୟେକ ପ୍ରଶ୍ନର ସମ୍ଭାବିତ ଉତ୍ତରଟି ଆପଣ ଚାରୋଟି ସଂଖ୍ୟା **(1), (2), (3)** ଏବଂ **(4)** ହିସାବରେ ଲେଖିବେ । ଆପଣ ପ୍ରତି ପ୍ରଶ୍ନ ପାଇଁ କେବଳ ଗୋଟିଏ ମାତ୍ର ଉତ୍ତର ଦେବେ ଯେଉଁଟିକୁ ଆପଣ ସବୁଠାରୁ ସଠିକ୍ ବୋଲି ଭାବିବେ । ସବୁଠାରୁ ଉପଯୁକ୍ତ ଉତ୍ତରଟି ଚୟନ କରନ୍ତୁ । ତାପରେ ବ୍ଲୁ/ବ୍ଲାକ୍ ବଲ୍ ପେନ୍ ବ୍ୟବହାର କରି ପ୍ରଶ୍ନର ଅନ୍ୟ ପାଖରେ ଥିବା ନମ୍ବର ଉପରେ ସଠିକ୍ ନମ୍ବର ଲେଖି ବୃତ୍ତକୁ ଗାଢ଼ା କଳା ରଙ୍ଗ କରିଦିଅନ୍ତୁ । ଯଦି ଆପଣ ତାହାର ଉତ୍ତର ମଧ୍ୟରୁ କେଉଁଟିକୁ ମଧ୍ୟ ପାଇଲେ ନାହିଁ ତେବେ ଆପଣ **'0'** ଲେଖି ବୃତ୍ତଟି ଗାଢ଼ା କରି ଦିଅନ୍ତୁ ।
6. ଗୋଟିଏ ପ୍ରଶ୍ନ ପାଇଁ ଏକାଧିକ ଉତ୍ତର ମାନ୍ୟ ହେବ ନାହିଁ । ତେଣୁ ଆପଣ ସବୁଠାରୁ ଉପଯୁକ୍ତ ଥିବା ସଂଖ୍ୟାଟି ଲେଖିବା ପାଇଁ ଚୟନ କରିବା ଉଚିତ୍ ।
7. ଗୋଟିଏ ପ୍ରଶ୍ନ ପାଇଁ ଆପଣ ଅଧିକ ସମୟ ଖର୍ଚ୍ଚ କରିବା ଉଚିତ୍ ନୁହେଁ । ଯଦି ଆପଣ କୌଣସି ସ୍ୱତନ୍ତ୍ର ପ୍ରଶ୍ନଟି କଠିନ ବୋଲି ମନେହୁଏ, ତେବେ ସେହିଟିକୁ ଛାଡି ପରବର୍ତ୍ତୀ ପ୍ରତି ଧ୍ୟାନ ଦେବା ଉଚିତ୍ । ସମସ୍ତ ପ୍ରଶ୍ନର ଉତ୍ତର ଦେଇ ସାରିବା ପରେ ଯଦି ସମୟ ବଳକା ରହେ, ତେବେ ଆପଣ ଉତ୍ତର ଦେଇ ନଥିବା ପ୍ରଶ୍ନଗୁଡିକ ଆଡକୁ ଯାଇପାରନ୍ତି ।
8. ଭୁଲ୍ ଉତ୍ତର ପାଇଁ ନେଗେଟିଭ୍ ମାର୍କିଙ୍ଗ୍ ନାହିଁ ।

1. ନିମ୍ନଲିଖିତ ମଧ୍ୟରୁ କେଉଁ କୌଶଳଟି କେବଳ ପ୍ରସ୍ତର ଯୁଗରୁ ଅଣାଯାଇଅଛି ?

(1) ମାଟିପାତ୍ର (2) ଟ୍ୟାନିଂ

(3) ବୁଣିବା (4) ପ୍ରସ୍ତର ଉପକରଣର ବ୍ୟବହାର

2. ନିମ୍ନଲିଖିତ ମଧ୍ୟରୁ କିଏ ଗ୍ରହମାନଙ୍କର ଗତିର ନିୟମ ପ୍ରତିପାଦନ କରିଥିଲେ ?

(1) ଜୋହାନ୍ସ୍ କେପ୍ଲାର୍ (2) ଆର୍ଯ୍ୟଭଟ୍ଟ

(3) ଗାଲିଲିଓ (4) ଡର୍ୱିନ୍

3. ନିମ୍ନୋକ୍ତ କେଉଁ ମନ୍ତବ୍ୟଟି ବିଜ୍ଞାନକୁ ଏକ ସାମାଜିକ ଅନୁଷ୍ଠାନ ଭାବରେ ବର୍ଣ୍ଣିତ କରେ :

(1) ଆଇନ୍, କଳା ଇତ୍ୟାଦିରୁ ବିଜ୍ଞାନର ଏକ ଭିନ୍ନ ପରଂପରା ଅଛି

(2) ସମାଜରେ ଏକ ସ୍ୱତନ୍ତ୍ର ସମସ୍ୟାକୁ ସମାଧାନ କରିବା ପାଇଁ ବିଜ୍ଞାନକୁ ବ୍ୟବହାର କରାଯାଇଥାଏ ।

(3) ବିଜ୍ଞାନ ଉତ୍ପାଦନର ମାଧ୍ୟମକୁ ବିକାଶ କରିଥାଏ

(4) ବିଜ୍ଞାନ ହେଉଛି ବ୍ୟକ୍ତିବିଶେଷଙ୍କ ଦ୍ୱାରା କରାଯାଉଥିବା ଏକ ଅଣ-ସଂଗଠିତ କାର୍ଯ୍ୟକଳାପ ।

4. ନିମ୍ନଲିଖିତ ମଧ୍ୟରୁ କେଉଁ କାର୍ଯ୍ୟକୌଶଳଟି ମଧ୍ୟଯୁଗୀୟ ଭାରତରେ ଗଢି ଉଠିଥିଲା ?

(1) ରକେଟ୍‌ର ବ୍ୟବହାର (2) ଟ୍ରାବେଟ୍ ସ୍ଥାପତ୍ୟ

(3) ଡଙ୍ଗାରେ ମାଷ୍ଟ୍‌ର ବ୍ୟବହାର (4) କଂପାସ୍‌ର ବ୍ୟବହାର

5. ନିମ୍ନଲିଖିତ ମଧ୍ୟରୁ କେଉଁଟି "ବିଜ୍ଞାନର ପଦ୍ଧତି" ଗଠନ କରେ ନାହିଁ ?

(1) ଗବେଷଣା (2) ପରୀକ୍ଷା

(3) ହାଇପୋଥେସିସ୍ (4) ଉପକରଣ

6. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ନିୟମ, ମଡେଲ୍, କିମ୍ବା ତତ୍ତ୍ୱ **ନୁହେଁ** ?

(1) ହୃତପିଣ୍ଡ ହେଉଛି ଏକ ପଂପ୍ ପରି

(2) କେବଳ ଜୀବନ, ଜୀବନ ଆରମ୍ଭ କରେ

(3) ଦୁଇଟି ବସ୍ତୁତ୍ୱ ମଧ୍ୟରେ ଏକ ମାଧ୍ୟାକର୍ଷଣ ବଳ ଥାଏ

(4) ପ୍ରତ୍ୟେକ କ୍ରିୟାର ସମାନ ଏବଂ ବିପରିତ ପ୍ରତିକ୍ରିୟା ଥାଏ

7. ନିମ୍ନଲିଖିତ ମଧ୍ୟରୁ କେଉଁଟି ରେଡିଓ ଟେଲିସ୍କୋପ୍ ଦ୍ୱାରା ଆବିଷ୍କୃତ **ନୁହେଁ** ?

(1) ପଲ୍‌ସାର୍ (2) ଆଣ୍ଡ୍ରୋମେଡା ନକ୍ଷତ୍ର

(3) କ୍ୱାସାର୍ (4) ବାଇଓମଲିକ୍ୟୁଲ୍‌ସ୍

8. "ନେବୁଲା" ପାଇଁ ସଠିକ୍ ମନ୍ତବ୍ୟଟି ଚୟନ କରନ୍ତୁ :

(1) ଏକ ତାରକା ଯାହା ହଠାତ୍ ଉଜ୍ଜ୍ୱଳ ହୋଇ ପରେ ଫିକା ପଡିଯାଇଥାଏ ।

(2) ଅଧିକ ଦୂରତାରେ ଏକ ତାରକା ପରି ନକ୍ଷତ୍ର

(3) ମହାକାଶରେ ଗ୍ୟାସ୍ ଏବଂ ଧୂଳୀର ଏକ ବାଦଲର ଛାୟା

(4) ଉଭୟ (1) ଏବଂ (2)

9. "ଜୀବନ କସ୍ମୋଜୋଆରୁ ଉତ୍ପନ୍ନ ହେଲା" ଏହି ମତବାଦ କାହା ଦ୍ୱାରା ପ୍ରସ୍ତାବିତ ହୋଇଥିଲା :

(1) ଡାରୱିନ୍ (2) ଆରିଷ୍ଟୋଟଲ୍

(3) ପୁରାତନ ଭାରତୀୟ (4) ଗ୍ରୀକ୍ ଦାର୍ଶନିକ

10. ବିଶ୍ୱବ୍ରହ୍ମାଣ୍ଡର ବିଗ୍-ବ୍ୟାଙ୍ଗ୍ ମଡେଲ୍ ବିଷୟରେ **ଭୁଲ୍** ମନ୍ତବ୍ୟଟି ଚୟନ କରନ୍ତୁ :

(1) ବିଶ୍ୱବ୍ରହ୍ମାଣ୍ଡ ବିସ୍ତାରଣ କରୁଛି କାରଣ ବିଭିନ୍ନ ନକ୍ଷତ୍ର ମଣ୍ଡଳରୁ ଆସୁଥିବା ଆଲୋକ ସ୍ପେକ୍‌ଟ୍ରମ୍‌ର ଲୋହିତ ଅନ୍ତଆଡକୁ ତରଙ୍ଗ ହିସାବରେ ମୁହାଁଉଛି

(2) ବିଶ୍ୱବ୍ରହ୍ମାଣ୍ଡ ବିସ୍ତାରଣର ଅର୍ଥ ହେଲା ବିଶ୍ୱବ୍ରହ୍ମାଣ୍ଡର ପ୍ରାରମ୍ଭିକ ଅବସ୍ଥାରେ ପଦାର୍ଥଗୁଡିକ ଅତ୍ୟନ୍ତ ଘନ ଅବସ୍ଥାରେ ଥିଲା ।

(3) ଯେତେବେଳେ ବିଶ୍ୱବ୍ରହ୍ମାଣ୍ଡ ବିସ୍ତାରଣ କରେ, ନକ୍ଷତ୍ର ମଣ୍ଡଳ ମଧ୍ୟରେ ଥିବା ଶୂନ୍ୟସ୍ଥାନ ପୂରଣ ପାଇଁ ନୂତନ ପଦାର୍ଥ ସୃଷ୍ଟି ହୋଇଥାଏ ।

(4) ଉପରୋକ୍ତ ମଧ୍ୟରୁ କେଉଁଟି ନୁହେଁ

11. ବାୟୁମଣ୍ଡଳରେ ଅମ୍ଳଜାନରୁ ଉତ୍ପନ୍ନ ଓଜୋନ୍ ପୃଥିବୀକୁ ------ ରୁ ରକ୍ଷା କରିଥାଏ ।

(1) ମହାକାଶୀୟ ରେଣୁ (2) ଅତିବାଇଗଣୀ ରଶ୍ମି

(3) ଗାମା ରଶ୍ମି (4) ରେଡିଓ ତରଙ୍ଗ

12. ନିମ୍ନଲିଖିତ ମଧ୍ୟରୁ କେଉଁ ବିଶେଷତାଟି ବିଜ୍ଞାନକୁ ବର୍ଣ୍ଣିତ କରେ **ନାହିଁ** ?

(1) ଉଦ୍ଦେଶ୍ୟ ଆଧାରିତ (2) ପରିବର୍ତ୍ତନଶୀଳତା

(3) କ୍ରମୋନ୍ନତିଶୀଳ (4) ପ୍ରଥାଗତ କାର୍ଯ୍ୟକୁ ନିଆଯାଏ ନାହିଁ

13. ମାନବ ବିବର୍ତ୍ତନର ଗୁରୁତ୍ୱପ୍ରମାଣ------ ଦ୍ୱାରା ପ୍ରଦାନ କରାଯାଇଛି ।

(1) ଆନ୍ଥ୍ରୋପଲୋଜି (2) ସମାଜବିଜ୍ଞାନ

(3) ବାଇଓଟେକ୍ନୋଲୋଜି (4) ମନୋବିଜ୍ଞାନ

14. ଏକ ପରିବେଶରେ ଶକ୍ତି ପ୍ରବାହ ହେଉଛି ଏକ:-

(1) ଦ୍ୱି-ଦିଗୀୟ ପ୍ରଣାଳୀ (2) ଏକ-ଦିଗୀୟ ପ୍ରଣାଳୀ

(3) ଚକ୍ରିୟ ପ୍ରଣାଳୀ (4) ଅନିୟମିତ ପ୍ରଣାଳୀ

15. ବାୟୁ ଦ୍ୱାରା ବିଛିନ୍ନ ହୋଇଥିବା ବୀଜ ଦ୍ୱାରା ପ୍ରତିଫଳିତ ବିଶେଷ ବିଶେଷତାକୁ ଚିହ୍ନଟ କରନ୍ତୁ :-

(1) ଅଧିକ ଓଜନ ଏବଂ ବଡ ଆକାର (2) ଆକର୍ଷଣୀୟ କଲର ଏବଂ ବଡ ଆକାର

(3) ଆକାରରେ ଛୋଟ ଏବଂ ଆକୃତିରେ ଗୋଲ୍ (4) ହାଲୁକା ଏବଂ କେଶ ପରି ଗଠନ

16. ଡିଫରେଷ୍ଟେସନ୍ କହିଲେ -------

(1) ଶିଳ୍ପଗୁଡିକର ବିକାଶରେ ସାହାଯ୍ୟ କରେ (2) ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ବ୍ୟବହାର କରାଯାଏ

(3) ମୃତ୍ତିକା କ୍ଷୟର କାରଣ ହୋଇଥାଏ (4) ଆଦିବାସୀ ଜନମାନଙ୍କ ପାଇଁ ବହୁତ ଲାଭଦାୟକ ହେଉଛି

17. DDT ଏକ କୀଟନାଶକ, ଯାହା :-

(1) ଲକ୍ଷିତ କୀଟକୁ ମାରିଥାଏ ଏବଂ ସହଜରେ

(2) ସହଜରେ ନଷ୍ଟ ହୁଏ ନାହିଁ ଏବଂ ଖାଦ୍ୟ ଚେନ୍ ସୃଷ୍ଟି କରିଥାଏ

(3) ସମସ୍ତ କୀଟକୁ ମାରିଥାଏ ଏବଂ ସହଜରେ ନଷ୍ଟ ହୋଇଯାଇଥାଏ

(4) ଉଭୟ (1) ଏବଂ (3)

18. ପାର୍ବତ୍ୟ ହିମାଳୟରୁ ମିଳୁଥିବା ସାଧାରଣ ଉଦ୍ଭିଦ ହେଉଛି :

(1) ଆଖୁ ଏବଂ ଚୀନାବାଦାମ (2) କପା ଏବଂ ଝୋଟ

(3) ପାଇନ୍, ଦେବଦାରୁ ଏବଂ ଓକ୍ (4) ପାଇନ୍ଆପୁଲ୍, ରବର ଏବଂ ସୋୟାବିନ୍

19. ନିମ୍ନରେ ପ୍ରଦତ୍ତ ଆଲୋକସଂଶ୍ଳେଷଣରେ ଦିଆଯାଇନଥିବା ଉପାଦାନ କଣ :

$$6\,CO_2 + 6 \;\ldots\ldots\ldots\ldots \xrightarrow{\text{ଆଲୋକ}} C_6H_{12}O_6 + 6 \;\ldots\ldots\ldots\ldots$$

(1) $H_2O$, O2 (2) CO, $H^+$

(3) O2 , CO2 (4) O2 , H2O

20. କେଉଁ ସ୍ଥାନରେ ସମୁଦ୍ର ଜଳକୁ ଲବଣରହିତ କରିବା ପଦ୍ଧତି ବ୍ୟବହାର କରାଯାଉଛି

(1) ଆନ୍ଧ୍ରପ୍ରଦେଶର ବିଶାଖାପାଟଣା (2) କେରଳର ତ୍ରିଭେନ୍ଦ୍ରମ୍

(3) ରାଜସ୍ଥାନର ଚୁରୁ (4) ଗୋଆର ପାନାଜୀ

21. ବାଇଓଲୁମିନେସେନ୍ସ୍ ଘଟଣା ସଂପର୍କରେ ସଠିକ୍ ବିକଳ୍ପ ଚୟନ କରନ୍ତୁ

(1) ଆଲୋକସଂଶ୍ଳେଷଣ ପାଇଁ ଉଦ୍ଭିଦ ଆଲୋକ ଅବଶୋଷଣ କରେ

(2) ପ୍ରାଣୀ ପ୍ରଜନନ ପାଇଁ ସୂର୍ଯ୍ୟାଲୋକର ବ୍ୟବହାର

(3) ନିଶ୍ୱାସପ୍ରଶ୍ୱାସ ପାଇଁ ଆଲୋକର ବ୍ୟବହାର

(4) ରାସାୟନିକ ପ୍ରତିକ୍ରିୟା ମାଧ୍ୟମରେ ଜୈବିକ ପଦାର୍ଥ ଆଲୋକ ଉତ୍ପାଦନ କରେ

22. ବାୟୁଶୂନ୍ୟତା ପରିବେଶରେ ବିଭିନ୍ନ ପ୍ରକାର ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ବିକିରଣର କଣ ସମାନ ଥାଏ :

(1) ତରଙ୍ଗଦୈର୍ଘ୍ୟ (2) ବେଗ

(3) ଶକ୍ତି (4) ବାରମ୍ବାରତା

23. ଆୟୋଡିନ୍ ଅଭାବରୁ କେଉଁ ରୋଗ ହୋଇଥାଏ :

(1) ବେରୀ-ବେରୀ (2) ପେଲେଗ୍ରା

(3) ଗଳଗଣ୍ଡ (4) ରିକେଟ୍

24. ଗର୍ଭବତୀ ମହିଳା ଗର୍ଭସ୍ଥ ଶିଶୁର ସାଧାରଣ ବୃଦ୍ଧି ପାଇଁ କଣ ଯଥେଷ୍ଟ ପରିମାଣରେ ନେବା ଉଚିତ୍?

(1) ଆଇରନ୍ (2) ଗ୍ଲୁକୋଜ୍

(3) ପ୍ରୋଟିନ୍ (4) କାଲ୍‌ସିୟମ୍

25. କାହାର ଅଭାବରୁ ରିକେଟ୍ ହୋଇଥାଏ

(1) ଭିଟାମିନ୍ D ର ଅଭାବରୁ

(2) ହିମୋଗ୍ଲୋବିନ୍‌ର ଭିଷଣ କ୍ଷୟ ଯୋଗୁଁ

(3) ପ୍ରୋଟିନ୍ ଅଭାବରୁ

(4) ଏଗୁଡିକ ସମସ୍ତ

26. ନିମ୍ନଲିଖିତ କେଉଁ ତୁଳନାତ୍ମକ BMR ବ୍ୟକ୍ତିବିଶେଷ/ସ୍ଥିତି ପାଇଁ ଠିକ୍ **ନୁହେଁ** ?

(1) ଖେଳାଳୀ > କିରାଣୀ

(2) ଶିଶୁ < ମାଆ

(3) ପୁଅ > ଜେଜେମା

(4) ଛୋଟ > ଶିଶୁ କିଶୋର

27. ଭୁଲ୍ ଥିବା ମନ୍ତବ୍ୟଟି ଚିହ୍ନଟ କରନ୍ତୁ :

(1) AIDS ଏକ ବାୟୁ-ବାହୀତ ରୋଗ

(2) ଗଳଗଣ୍ଡ ରୋଗ ପ୍ରଦୁଷିତ ଜଳ ମାଧ୍ୟମରେ ସଂଚାରିତ ହୋଇଥାଏ

(3) ପୋଲିଓ ଏକ ଭୁତାଣୁ ରୋଗ

(4) ହେମୋଫିଲିଆ ଏକ ବଂଶଗତ ରୋଗ

28. ସୁଗାରବିଟ୍ କେଉଁ ପ୍ରକାର ମାଟିରେ ଉତ୍ତମ ଚାଷ ହୋଇପାରେ:

(1) ଅଧିକ କାଲ୍‌ସିୟମ୍ ଥିବା ମାଟି

(2) ଅତି କମ୍ କାଲ୍‌ସିୟମ୍ ଥିବା ମାଟି

(3) ଅଧିକ ସୋଡିଅମ୍ ଥିବା ମାଟି

(4) ଅତି କମ୍ ସୋଡିଅମ୍ ଥିବା ମାଟି

29. ଶସ୍ୟ କଣ ଆବଶ୍ୟକ କରେ :

(1) ଯବକ୍ଷାରଜାନ ଏବଂ ପଟାସ୍ ଅପେକ୍ଷା ଅଧିକ ପରିମାଣରେ ଫସ୍‌ଫରସ୍

(2) ଯବକ୍ଷାରଜାନ ଏବଂ ଫସ୍‌ଫରସ୍ ଅପେକ୍ଷା ଅଧିକ ପରିମାଣରେ ପଟାସ୍

(3) ଫସ୍‌ଫରସ୍ ଏବଂ ପଟାସ୍ ଅପେକ୍ଷା କମ୍ ପରିମାଣରେ ଯବକ୍ଷାରଜାନ

(4) ଫସ୍‌ଫରସ୍ ଏବଂ ପଟାସ୍ ଅପେକ୍ଷା ଅଧିକ ପରିମାଣରେ ଯବକ୍ଷାରଜାନ

30. ଲବଣଯୁକ୍ତ ମାଟିର ----- ଥାଏ

(1) ନ୍ୟୁନ ୱାଟର ଟେବୁଲ୍

(2) ନ୍ୟୁନ ୱାଟର ଟେବୁଲ୍

(3) ମଧ୍ୟମ ୱାଟର ଟେବୁଲ୍

(4) ଏମାନଙ୍କ ମଧ୍ୟରୁ କେଉଁଟି ନୁହେଁ

31. ଏକ ଶାରୀରିକ ସ୍ଥିତି ଯେଉଁଠାରେ ହର୍ମୋନ୍‌ର ଅଧିକ ଉତ୍ପାଦନ ଏବଂ କମ୍ ଉତ୍ପାଦନ ମଧ୍ୟରେ ସନ୍ତୁଳନ ସୃଷ୍ଟି ହୋଇଥାଏ, ତାହା ହେଉଛି :-

(1) ଥର୍ମୋରେଗୁଲେସନ୍ (2) ହୋମିଓଷ୍ଟାସିସ୍

(3) ହେମୋଷ୍ଟାସିସ୍ (4) ପ୍ରାକୃତିକ ପ୍ରତିକ୍ରିୟା

32. ପ୍ରାଣୀମାନଙ୍କଠାରେ ଦେଖାଯାଉଥିବା ଆକ୍ରମଣାତ୍ମକ ବ୍ୟବହାର ସଂପର୍କରେ ସଠିକ୍ ବିକଳ୍ପ :-

(1) ମୌଳିକ ଗୁଣ, (2) ମୌଳିକ ପ୍ରତିକ୍ରିୟା

(3) ପ୍ରାପ୍ତ କରିଥିବା ଗୁଣ (4) ପ୍ରାପ୍ତ କରିଥିବା ଗୁଣ ପ୍ରତିକ୍ରିୟା

33. କେଉଁ ସମୟରେ ପିଲାମାନେ କଳ୍ପନାତ୍ମକ ଚିନ୍ତାଧାରା ଭାବିପାରନ୍ତି :-

(1) ପରିଚାଳନା-ପୂର୍ବ ସମୟରେ (2) ବାସ୍ତବ-କ୍ଷେତ୍ର ପରିଚାଳନା ସମୟରେ

(3) ଔପଚାରିକତା ପରିଚାଳନା ସମୟରେ (4) ଇନ୍ଦ୍ରିୟ-ସକ୍ରିୟ ସମୟରେ

34. ପ୍ରତିକ୍ରିୟା ଯାହାକି ଅନ୍ତର୍ନିହିତ ତାକୁ କଣ କୁହାଯାଏ

(1) କ୍ରାନିଆଲ୍ ପ୍ରତିକ୍ରିୟା (2) ଚାଳିତ ପ୍ରତିକ୍ରିୟା

(3) ସାଧାରଣ ପ୍ରତିକ୍ରିୟା (4) ପ୍ରାପ୍ତ କରିଥିବା ପ୍ରତିକ୍ରିୟା

35. ସେରେବ୍ରାଲ୍ କୋଟେକ୍ସ ମସ୍ତିଷ୍କର କେଉଁ ଅଂଶରେ ଅବସ୍ଥିତ :

(1) ସେରେବ୍ରମ୍ (2) ବ୍ରେନ୍ ଷ୍ଟେମ୍

(3) ମଧ୍ୟ ମସ୍ତିଷ୍କ (4) ସେରେବେଲମ୍

36. ବାମ ପଟେ ଥିବା ସେରେବ୍ରାଲ୍ ହେମିସ୍ଫିଅର କେଉଁଥିପାଇଁ ଦାୟୀ ଥାଏ

(1) ମ୍ୟୁଜିକ୍‌ର ଆନନ୍ଦ ନିଏ (2) କଳାର ଆନନ୍ଦ ନିଏ

(3) ବୈଜ୍ଞାନିକ ଦୃଷ୍ଟିକୋଣ (4) ଭୟ ଏବଂ କାଳ୍ପନିକତା

37. ନିମ୍ନଲିଖିତ କେଉଁଟି ମାସ୍‌ମିଡିଆ ଯୋଗାଯୋଗ ମାଧ୍ୟମ **ନୁହେଁ** ?

(1) ଟେଲିଭିଜନ୍ ସୋ (2) ରେଡିଓ କଥାବାର୍ତ୍ତା

(3) ଟେଲିଭିଜନ ସାକ୍ଷାତକାର (4) ଖବରକାଗଜ

38. NWICO...........

(1) ମିଡିଆରେ ଏକ ଛତ୍ରବାଦର ପ୍ରତିରୋଧ କରେ (2) ସୁଚନା ଉପରେ ସରକାରଙ୍କ ନିୟନ୍ତ୍ରଣ ଆଇନ୍‌ବଦ୍ଧ କରେ

(3) ମିଡିଆର କାର୍ଯ୍ୟକଳାପ ନିୟନ୍ତ୍ରଣ କରେ (4) ମୌଳିକ ଅଧିକାର ଉପରେ ହସ୍ତକ୍ଷେପ କରେ

39. "ଟେକ୍‌ନୋଲୋଜି ଆମଦାନୀ" ସଂପର୍କରେ ଉପଯୁକ୍ତ ବିକଳ୍ପ ଚୟନ କରନ୍ତୁ :

(1) ଏହା ଆଧୁନିକ ଗବେଷଣା ସୁବିଧାକୁ ମଜଭୁତ କରିବା ଉଚିତ୍

(2) କୃଷିଜାତ ଦ୍ରବ୍ୟର ଆମଦାନୀ ବୃଦ୍ଧି କରେ

(3) ପ୍ରତିଯୋଗୀତା ପରିବେଶ ହ୍ରାସ କରେ

(4) ବ୍ୟାଙ୍କ୍ ଲୋନ୍ ନେବାର କ୍ଷମତା ବୃଦ୍ଧି କରେ

40. ଇନ୍‌ପୁଟ୍ ଡିଭାଇସ୍ ହେଉଛି :

(1) ପ୍ରିଣ୍ଟର (2) ମନିଟର

(3) କୀବୋର୍ଡ୍ (4) ସ୍ପିକର

41. ----- ହେଉଛି ଏକ ଅସ୍ଥାୟୀ ପ୍ରଦୁଷକର ଉଦାହରଣ

(1) ପ୍ଲାଷ୍ଟିକ୍ (2) ଗୋବର

(3) ପେଷ୍ଟିସାଇଡ୍ (4) ନ୍ୟୁକ୍ଲିଅର୍ ନଷ୍ଟ ପଦାର୍ଥ

42. ପରିବେଶ ଦର୍ଶାଉଥିବା ସଠିକ୍ ଯୋଡିଟି ଚୟନ କରନ୍ତୁ :

(1) ପ୍ରାଣୀ ଏବଂ ଜୈବିକ କାରଣ (2) ମାଟି ଏବଂ ଜଳ

(3) ଉଦ୍ଭିଦ ଏବଂ ପ୍ରାଣୀ (4) ଜୈବିକ ଏବଂ ଅଜୈବିକ କାରଣ

43. ପ୍ଲାଜ୍‌ମିଡ୍ ହେଉଛି:

(1) କ୍ରୋମୋଜୋମ୍‌ର ଅଂଶବିଶେଷ (2) ଅତିରିକ୍ତ ସେଲୁଲାର୍ ଆରଗାନିଲ୍

(3) ସାର୍କୁଲାର୍ ଏବଂ ଡବଲ୍ ଷ୍ଟ୍ରାଣ୍ଡେଡ଼ ଡିଏନ୍‌ଏ (4) ଭୁତାଣୁ

44. କାର୍ବନ୍-12 ଆଇସୋଟୋପ୍ କେଉଁଥି ପାଇଁ ବ୍ୟବହାର କରାଯାଏ :

(1) ରେଡିଓକାର୍ବନ୍ ଡେଟିଙ୍ଗ୍ (2) ଜୀବାଶ୍ମର ଉଚ୍ଚତା ମାପିବା ପାଇଁ

(3) ଜୀବାଶ୍ମର ମୋଟା ମାପିବା ପାଇଁ (4) ଉଦ୍ଭିଦର ବୃଦ୍ଧି ମାପିବା ପାଇଁ

45. ଧାନ ଏବଂ ମକା ହେଉଛି :

(1) ରବି ଫସଲ (2) ଖରିଫ୍ ଫସଲ

(3) ଜୈବ ଫସଲ (4) ଉଭୟ (1) ଏବଂ (2)

46. କଂପ୍ୟୁଟର ବିଜ୍ଞାନରେ ନିମ୍ନଲିଖିତ ମଧ୍ୟରୁ କେଉଁଟି ନୂଆ ଭାବରେ ବିକାଶ ହେଉଛି ?

(1) ମହାକାଶ ପ୍ରବନ୍ଧି ବିଜ୍ଞାନ (2) ରୋବୋଟିକ୍

(3) ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି (4) ଜିନ୍ ଥେରାପି

47. "ଆଲ୍‌ଗାଲ୍ ବିସ୍ତାର" କେଉଁ କାରଣରୁ ହୋଇଥାଏ ?

(1) ମରୁଡ଼ି (2) ବାୟୁ ପ୍ରଦୂଷଣ

(3) ମୃତ୍ତିକା ପ୍ରଦୂଷଣ (4) ୟୁଟ୍ରୋଫିକେସନ୍

48. ପାରଂପାରିକ ଶକ୍ତି ସୂତ୍ର ଚୟନ କରନ୍ତୁ :

(1) ସୌରଶକ୍ତି (2) କୋଇଲା

(3) ବାୟୁ ଶକ୍ତି (4) ତରଙ୍ଗ ଶକ୍ତି

49. ରିଆକ୍ଟର କଣ ଉତ୍ପାଦନ କରେ :-

(1) ଜିଓଥର୍ମାଲ୍ ଶକ୍ତି (2) ବାଇଓଗ୍ୟାସ୍

(3) ଆଟୋମିକ୍ ଶକ୍ତି (4) ତରଙ୍ଗ ଶକ୍ତି

50. 1497 ରେ ଭାରତରେ ପହଞ୍ଚି ଥିବା ପର୍ତ୍ତୁଗୀଜ୍ ନାବିକ କିଏ ଥିଲେ :-

(1) କଲମ୍ବସ୍ (2) ଭାସ୍କୋଡାଗାମା

(3) ନିକୋଲସ୍ (4) ଗାଲିଲିଓ

51. "ଡୋଲି" ନାମକ ମେଣ୍ଢା ସୃଷ୍ଟି କରିବାରେ ନିମ୍ନଲିଖିତ ମଧ୍ୟରୁ କେଉଁ ଟେକ୍‌ନିକ୍ ମୁଖ୍ୟ ଭୂମିକା ନେଇଥିଲା ?

(1) ଏମ୍ବ୍ରୋ ଟ୍ରାନ୍ସ୍‌ଫର ଟେକ୍‌ନୋଲୋଜି (2) ପ୍ଲାଣ୍ଟ୍ ଟିସୁ କଲଚର

(3) ହାଇବ୍ରିଡୋମା ଟେକ୍‌ନୋଲୋଜି (4) କ୍ଲୋନିଙ୍ଗ୍

52. ଏକ ଗ୍ରାମ୍ ପ୍ରୋଟିନ୍ ଅମ୍ଳିକରଣରୁ କଣ ପ୍ରାପ୍ତ ହୋଇଥାଏ :-

(1) 6 kcal
(2) 9 kcal
(3) 4 kcal
(4) 8 kcal

53. ମାରାସ୍ମସ୍ -----ର ଅଭାବରୁ ହୋଇଥାଏ

(1) ଭିଟାମିନ୍ D
(2) ପ୍ରୋଟିନ୍
(3) ଫ୍ୟାଟ୍
(4) ମିନେରାଲ୍ସ୍

54. ଜର୍ମାନ୍ ଫିଜିସିଆନ୍‌ଙ୍କୁ ଚିହ୍ନଟ କରନ୍ତୁ ଯେ କି ପ୍ରଥମ ଥର ପାଇଁ ଚିହ୍ନଟ କରିଥିଲେ ଯେ ବ୍ୟାକ୍ଟେରିଆ ମଧ୍ୟ ରୋଗର କାରଣ ହୋଇଥାଏ :

(1) ରୋବର୍ଟ୍ କୋଚ୍
(2) ରୋବର୍ଟ୍ ହୁକ୍
(3) ଆଲେକ୍ସଜାଣ୍ଡାର୍ ଫ୍ଲେମିଂ
(4) ଡାରୱିନ୍

55. ବିକାଶ ଏବଂ ବିକାଶଶୀଳ ଦେଶ ଚିହ୍ନଟ କରିବାରେ ନିମ୍ନଲିଖିତ ମଧ୍ୟରୁ କେଉଁ ମୁଖ୍ୟ କାରଣ ଅତ୍ୟନ୍ତ ବିଶେଷ ଅଟେ ?

(1) ଜନସଂଖ୍ୟା
(2) ପ୍ରାକୃତିକ ସମ୍ବଳ
(3) ସଂପଦ
(4) ପ୍ରଦ୍ୟୋଗିକ ବିଜ୍ଞାନର ବିକାଶ

56. ଫାଇବର ଗ୍ଲାସ୍ ଷ୍ଟିଲ୍ ଅପେକ୍ଷା------

(1) ହାଲୁକା
(2) ଓଜନିଆ
(3) ଶକ୍ତ
(4) ଭଙ୍ଗୁର

57. କେଉଁ ପିରିୟଡ୍ ମଧ୍ୟରେ ସିନ୍ଧୁ ଉପତ୍ୟକା ସଭ୍ୟତା ବିକାଶ କରିଥିଲା ?

(1) 2700 BC ରୁ 1750 BC
(2) 1500 BC ରୁ 1200 BC
(3) 3900 BC ରୁ 2200 BC
(4) 500 BC ରୁ 150 BC

58. କେଉଁ ପ୍ରକାର ମୃତ୍ତିକା ଶଙ୍କୁଧାରୀ ବୃକ୍ଷ ବୃଦ୍ଧିରେ ସହାୟକ ହୁଏ ?

(1) ନ୍ୟୁନ ଉର୍ବର ମୃତ୍ତିକା
(2) ଡିକଂପୋଜ୍ ହୋଇଥିବା ଫାର୍ମ୍ ଉତ୍ପାଦିତ ସାର
(3) ମରୁଭୂମୀ ମୃତ୍ତିକା
(4) ଉଡ୍ ପିଟ୍

59. ମୌସୁମୀ-ପର ଫସଲକୁ କଣ କୁହାଯାଏ :-

(1) ଖରିଫ୍ (2) ରବି

(3) ଜୈଦ୍ (4) କ୍ୟାସ୍ କ୍ରପ୍

60. ଉଦ୍ଭିଦର *ଭିନ୍କା ରୋଜିଆ* ପ୍ରକ୍ରିୟାରୁ ପ୍ରାପ୍ତ ହୋଇଥିବା ଭିନ୍କ୍ରାଇଷ୍ଟିନ୍ ଡ୍ରଗ୍ କଣ ଚିକିତ୍ସା କରିବା ପାଇଁ ବ୍ୟବହାର କରାଯାଏ :-

(1) ଡାଇବେଟିସ୍ (2) ମୋଟାପଣ

(3) କର୍କଟ (4) ଆସ୍ଥାମା

61. ଦୁର୍ଗାପୁର, ବୋକାରୋ, ରାଉରକେଲା ସ୍ଥାନଗୁଡିକ ------ ପାଇଁ ଲୋକପ୍ରିୟ।

(1) ସୁନା ଖଣି (2) ଷ୍ଟିଲ୍ ପ୍ଲାଣ୍ଟ୍

(3) କପର୍ ପ୍ଲାଣ୍ଟ୍ (4) କୋଇଲା ଖଣି

62. LASER ଦ୍ୱାରା ଉତ୍ପାଦିତ ଆଲୋକର ବିଶେଷତା କଣ :

(1) କୋହେରାଣ୍ଟ୍ (2) ଫ୍ଲାଶ୍

(3) ରେଡିଓତରଙ୍ଗ (4) X- ରଶ୍ମି

63. ନିମ୍ନଲିଖିତ ମଧ୍ୟରୁ କାହାକୁ ଆଧୁନିକ ଭୂଗୋଳର ପ୍ରତିଷ୍ଠାତା କୁହାଯାଏ ?

(1) ବ୍ରିଟିଶ୍ (2) ଚାଇନିଜ୍

(3) ଆରବବାସୀ (4) ଋଷୀୟ

64. ଗ୍ରୀନିଚ୍, ଇଂଲଣ୍ଡ ମଧ୍ୟଦେଇ କେଉଁ ମେରିଡିଆନ୍ ଯାଇଅଛି ?

(1) ପୂର୍ବ (2) ପଶ୍ଚିମ

(3) ଉତ୍ତର (4) ମୁଖ୍ୟ

65. ଗ୍ରହମାନଙ୍କର ଗତିବିଧି ବର୍ଣ୍ଣନା କରିବା ପାଇଁ ନିମ୍ନଲିଖିତ ମଧ୍ୟରୁ କିଏ ତତ୍ତ୍ୱ ଭିତ୍ତିକ ନମୁନା ବାହାର କରିଥିଲେ ?

(1) ଜୋହାନ୍ସ୍ କେପ୍ଲାର୍ (2) ଗାଲିଲିଓ ଗାଲିଲେଇ

(3) ଟାଇକୋ ବ୍ରାହେ (4) ଆରିଷ୍ଟୋଟଲ୍

66. ନକ୍ଷତ୍ରପୁଞ୍ଜର ନକ୍ଷତ୍ର ଢାଞ୍ଚାକୁ କଣ କୁହାଯାଏ :

(1) ଗ୍ୟାଲାକ୍ସି (2) କନ୍‌ଷ୍ଟେଲେସନ୍

(3) କସ୍‌ମସ୍ (4) ନେବୁଲା

67. ପରିବେଶ ଏବଂ ଜୀବଜଗତ ମଧ୍ୟରେ ଥିବା ସଂପର୍କର ଅଧ୍ୟୟନକୁ କଣ କୁହାଯାଏ :

(1) ଇକୋଲୋଜି (2) ବାଇଓକେମିଷ୍ଟ୍ରି

(3) ମାଇକ୍ରୋବାଇଓଲୋଜି (4) ଇନ୍‌ଭର୍ଣ୍ଣମେଣ୍ଟାଲ୍ ବାଇଓଟେକ୍‌ନୋଲୋଜି

68. ଦିଆଯାଇନଥିବା ଉପାଦାନଟିକୁ ଚିହ୍ନଟ କରନ୍ତୁ :

ଖାଦ୍ୟ + ? → କାର୍ବନ୍ ଡାଇଅକ୍ସାଇଡ୍ + ଜଳ + ଶକ୍ତି

(1) ଜଳ (2) ଅମ୍ଳଜାନ

(3) ସୂର୍ଯ୍ୟକିରଣ (4) ମିନେରାଲ୍‌ସ୍

69. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ପ୍ରସିଦ୍ଧ ବୁଦ୍ଧିଷ୍ଟ୍ ମୋନାଷ୍ଟରୀରେ ବିଦ୍ୱାନ୍‌ମାନେ ଔଷଧ, ମହାକାଶ ବିଜ୍ଞାନ ଏବଂ ତତ୍ତ୍ୱ ଆଧାରିତ ବିଷୟବସ୍ତୁ ବିଷୟରେ ସେମାନଙ୍କର ଭାବଧାରାର ଆଦାନ ପ୍ରଦାନ କରୁଥିଲେ ?

(1) ଗୟା (2) ଟାବୋ

(3) ନାଳନ୍ଦା (4) ଟାୱାଙ୍ଗ୍

70. "ଅର୍ଥଶାସ୍ତ୍ର" କିଏ ଲେଖିଥିଲେ?

(1) କୌଟିଲ୍ୟ (2) ଚନ୍ଦ୍ରଗୁପ୍ତ

(3) ବାଲ୍ମିକୀ (4) ସମୁଦ୍ରଗୁପ୍ତ

71. ଇଜିପ୍ଟ୍ ସଭ୍ୟତା ---- ନଦୀ ଉପତ୍ୟକାରେ ଗଢି ଉଠିଥିଲା ?

(1) ଟିଗ୍ରିଜ୍ (2) ୟୁଫ୍ରାଟସ୍

(3) ନୀଳ (4) ଇନ୍ଦୁଜ୍

72. ତ୍ୱରାନ୍ୱକ ଏବଂ ପ୍ରତିକ୍ରିୟା ବିଷୟରେ କାର୍ଯ୍ୟ କରି ନୋବେଲ୍ ପ୍ରାଇଜ୍ ବିଜେତା ହୋଇଥିବା ବୈଜ୍ଞାନିକଙ୍କୁ ଚିହ୍ନଟ କରନ୍ତୁ :

(1) ଆଲେକ୍ସଜାଣ୍ଡାର୍ ଫ୍ଲେମିଂ (2) ପାଭଲୋଭ୍

(3) ଡାରୱିନ୍ (4) ରୋନାଲ୍ଡ୍ ରସ୍

73. କେଉଁ କାରଣରୁ କିଶୋର ଅବସ୍ଥାକୁ ମାନସିକ ଚାପ ଏବଂ ମାନସିକ ଅସ୍ଥିରତାର ପିରିୟଡ ହିସାବରେ ବିଚାର କରାଯାଏ :

(1) ବିଶ୍ୱାସ ଅଭାବ
(2) ଚାକିରି ଖୋଜିବା
(3) ବ୍ୟକ୍ତିଗତ ପରିଚୟ ଖୋଜିବା
(4) ନ୍ୟୁନ ଆଇକ୍ୟୁ

74. ମାଧ୍ୟାକର୍ଷଣ ତତ୍ତ୍ୱ କିଏ ଉତ୍‌ଥାପନ କରିଥିଲେ ?

(1) ଗାଲିଲିଓ
(2) ହାରର୍ଭେ
(3) କଲମ୍ବସ୍
(4) ନିଉଟନ୍

75. "ପ୍ରକୃତ ବିଜ୍ଞାନରେ ହିନ୍ଦୁର ହାସିଲତା" କିଏ ଲେଖିଥିଲେ ?

(1) ବି. କେ. ସରକାର୍
(2) ପି. ଏନ୍. ବୋଷ
(3) ଜେ. ସି. ବୋଷ
(4) ଏମ୍. ଏନ୍ ସାହା

76. କେଉଁ ବିଷୟ ଉପରେ 1930 ରେ ସି. ଭି. ରମଣ ତାଙ୍କର ଅତି ଉତ୍ତମ ଗବେଷଣା ପାଇଁ ନୋବେଲ୍ ପୁରସ୍କାର ପାଇଥିଲେ :

(1) କେମିକାଲ୍ ସିନ୍ଥେସିସ୍
(2) ଫାର୍ମାସ୍ୟୁଟିକ୍
(3) ଆଲୋକ ବିଚ୍ଛୁରଣ
(4) ବିଦ୍ୟୁତ୍ ପ୍ରତିରୋଧକତା

77. ନିମ୍ନଲିଖିତ ମଧ୍ୟରୁ କେଉଁଟି ଗୋଟିଏ ଅଣ-ସଂକ୍ରମିତ ରୋଗ ?

(1) ମେଲେରିଆ
(2) ଯକ୍ଷ୍ମା
(3) ହାତଫୁଟି
(4) କର୍କଟ

78. ସୋୟାବିନ୍-------ର ଏକ ଭରପୁର ଉତ୍ସ :

(1) ଭିଟାମିନ୍ C
(2) ପ୍ରୋଟିନ୍
(3) ଓମେଗା ଫ୍ୟାଟି ଏସିଡ୍
(4) ମାଲ୍‌ଟୋଜ୍

79. ଟିକାକରଣ ହେଉଛି :

(1) ପ୍ରାକୃତିକ ପ୍ରତିରୋଧକତା
(2) କୃତ୍ରିମ ପ୍ରତିରୋଧକତା
(3) ପ୍ରାକୃତିକ ଭାବରେ ପ୍ରତିରୋଧକତା
(4) ଉଭୟ (1) ଏବଂ (2)

80. COVID-19 ହେଉଛି ଏକ :-

(1) ଜଳବାହୀତ ରୋଗ (2) ଭେକ୍ଟର-ବାହୀତ ରୋଗ

(3) ବ୍ୟାକ୍ଟେରିଆଜନିତ ରୋଗ (4) ବାୟୁ-ବାହୀତ ଭୁତାଣୁ ରୋଗ

81. ପରିକଳ୍ପନା ଏକ ମନ୍ତବ୍ୟ ଯାହା ------ ଉପରେ ଆଧାରିତ

(1) ପର୍ଯ୍ୟବେକ୍ଷଣ (2) ଯୁକ୍ତିସଙ୍ଗତ

(3) ଫଳାଫଳ (4) ପରୀକ୍ଷା

82. ନିମ୍ନଲିଖିତ ମଧ୍ୟରୁ କେଉଁଟି ବିଜ୍ଞାନର ଏକ ବିଶେଷତା **ନୁହେଁ** ?

(1) ଡଗ୍ମାଟିକ୍ (2) ଓପନ୍ ଟୁ ଚେଞ୍ଜ୍

(3) ସେଲ୍ଫ୍-କରେକ୍ଟିଂ (4) ପ୍ରମାଣ ଆଧାରିତ

83. ଗଡୱାଲ୍ ଅଞ୍ଚଳରେ ଗୋପେଶ୍ୱରର ଲୋକମାନଙ୍କ ଦ୍ୱାରା କେଉଁ ଆନ୍ଦୋଳନ ଆରମ୍ଭ କରାଯାଇଥିଲା?

(1) ଦାଣ୍ଡି (2) ଅସହଯୋଗ

(3) ଚିପ୍କୋ (4) ସତ୍ୟାଗ୍ରହ

84. ନିମ୍ନଲିଖିତ ମଧ୍ୟରୁ 1953 ରେ ସ୍ଥାପିତ ହୋଇଥିବା କେଉଁ କର୍ପୋରେସନ୍ଟି ପ୍ରୟୋଗଶାଳାରୁ ପ୍ରକୃତ ବ୍ୟବହାର କ୍ଷେତ୍ରକୁ ପ୍ରଯୁକ୍ତିବିଜ୍ଞାନ ସ୍ଥାନାନ୍ତରଣରେ ସହାୟକ ହେବା ପାଇଁ ସ୍ଥାପନ କରାଯାଇଥିଲା ?

(1) ଅଏଲ୍ ଏବଂ ପ୍ରାକୃତିକ ଗ୍ୟାସ ନିଗମ (2) ଜାତୀୟ ଗବେଷଣା ଏବଂ ବିକାଶ ନିଗମ

(3) ଭାରତୀୟ ଖାଦ୍ୟ ନିଗମ (4) ଜାତୀୟ କୋଠା ନିର୍ମାଣ ନିଗମ

85. ମାନବର ସ୍ଥାୟିତ୍ୱର ପ୍ରାଥମିକ ପର୍ଯ୍ୟାୟ କାହା ଉପରେ ନିର୍ଭର କରୁଥିଲା :-

(1) ଖାଦ୍ୟ ସଂଗ୍ରହ ଏବଂ ଶିକାର (2) କୃଷି ଏବଂ ଶିକାର

(3) ଉପକରଣ ତିଆରି ଏବଂ କୃଷି (4) ଉଭୟ (1) ଏବଂ (3)

86. ପ୍ରସ୍ତର ଯୁଗର ଲୋକମାନେ ଏକ ପଥରର ଉପକରଣ "ସ୍କ୍ରାପର୍" ------ ପାଇଁ ବ୍ୟବହାର କରୁଥିଲେ :

(1) ମଲା ପଶୁଙ୍କୁ କାଟିବା ପାଇଁ
(2) ହାଡ କାଟିବା ପାଇଁ
(3) କାଠର ଆକୃତି ଦେବା ପାଇଁ
(4) ମାଂସ କାଟିବା ପାଇଁ

87. ନିମ୍ନଲିଖିତ ମଧ୍ୟରୁ କେଉଁଟି ପ୍ରାଚୀନ କାଳର "ଭଗ"ର ସଠିକ୍ ନୋଟେସନ୍ ?

(1) +
(2) ÷
(3) ×
(4) $\sqrt{}$

88. ପରିବେଶୀୟ ସୁରକ୍ଷା ଦୃଷ୍ଟିକୋଣରୁ ପ୍ରବନ୍ଧବିଜ୍ଞାନ ନିତି ପରିପେକ୍ଷୀରେ ସଠିକ୍ ବିକଳ୍ପ ଚୟନ କରନ୍ତୁ :-

(1) ଅଧିକ ଉତ୍ପାଦନ
(2) ଟ୍ରେନିଂ ମ୍ୟାନପାୱାର୍
(3) ନ୍ୟୁନ ଖର୍ଚ୍ଚରେ ଉତ୍ପାଦନ
(4) ନଷ୍ଟ ପଦାର୍ଥର ଦେଖାରଖା

89. ଲିଙ୍ଗୀୟ ପ୍ରଜନନ ସଂପର୍କରେ ନିମ୍ନଲିଖିତ ମଧ୍ୟରୁ କେଉଁଟି ସତ୍ୟ ଅଟେ ?

(1) ଗ୍ୟାମେଟ୍‌ରେ କ୍ରୋମୋଜୋମ୍ ସଂଖ୍ୟା ଅଧା କମ୍ କରିଦିଏ
(2) କୋଷ ବିଭାଜନ ପ୍ରକ୍ରିୟା
(3) ସିଙ୍ଗଲ୍ ପ୍ୟାରେଣ୍ଟ୍ କ୍ଷେତ୍ରରେ ହୋଇଥାଏ
(4) କ୍ରୋମୋଜମ୍ ସଂଖ୍ୟା ଦୁଇଗୁଣ କରିଥାଏ

90. ଚାର୍ଲସ୍ ଡାର୍‌ୱିନ୍ -----ପାଇଁ ପ୍ରସିଦ୍ଧ :

(1) କ୍ୱାଣ୍ଟମ୍ ମେକାନିକ୍ସ୍
(2) ମାଧ୍ୟାକର୍ଷଣ
(3) ପ୍ରଜାତିର ବିବର୍ତ୍ତନ
(4) କୋଷ ତତ୍ତ୍ୱ

91. "ନ୍ୟୁମେଟିକ୍" ହେଉଛି ଏକ :

(1) ମେକାନିକ୍ସ୍‌ର ଶାଖା
(2) ଉଦ୍ଭିଦ ବିଜ୍ଞାନର ଶାଖା
(3) ପେଟ୍ରୋକେମିକାଲ୍ସ୍‌ର ଶାଖା
(4) ସାମୁଦ୍ରିକ ପ୍ରାଣୀର ଏକ ଶାଖା

92. ଇଣ୍ଡୋ-ଗାଙ୍ଗେୟ ସମତଳ ଅଞ୍ଚଳ :

(1) ବିହାରରୁ କେରଳ ପର୍ଯ୍ୟନ୍ତ ବିସ୍ତାରିତ
(2) ପାକିସ୍ଥାନରୁ ଆସାମ ପର୍ଯ୍ୟନ୍ତ ବିସ୍ତାରିତ
(3) ଆସାମରୁ ମଣିପୁର ପର୍ଯ୍ୟନ୍ତ ବିସ୍ତାରିତ
(4) ଗୁଜୁରାଟରୁ ତାମିଲ୍‌ନାଡୁ ପର୍ଯ୍ୟନ୍ତ ବିସ୍ତାରିତ

93. ନିମ୍ନଲିଖିତ ହସ୍ତଶିଳ୍ପ ମଧ୍ୟରୁ କେଉଁଟି ଗୁପ୍ତ ସମୟରୁ ନିଆଯାଇଅଛି ?

(1) ପେପର ମେକିଙ୍ଗ୍ ଏବଂ ପେଣ୍ଟିଙ୍ଗ୍
(2) ଧାତୁ ଏବଂ ବୁଣାକାର
(3) ମାଟିପାତ୍ର ଏବଂ କଣ୍ଢେଇ ତିଆରି
(4) ପଥର ଏବଂ କାଠ କାମ

94. ଟ୍ରାଞ୍ଜିଷ୍ଟର ହେଉଛି :-

(1) ଏହା ହେଉଛି ଏକ ଛୋଟ ଚିପ୍ ଯେଉଁଥିରେ ଅନେକ ସେମିକଣ୍ଡକ୍‌ଟର ଥାଏ
(2) ଯଥାକ୍ରମେ $p$-ପ୍ରକାର କିମ୍ବା $n$-ପ୍ରକାର ସେମିକଣ୍ଡକ୍‌ଟର
(3) $n$-ପ୍ରକାର ସେମିକଣ୍ଡକ୍‌ଟର
(4) ଗୋଟିଏ ପଟ ସେମିକଣ୍ଡଟିଂ କ୍ରିଷ୍ଟାଲ୍ ହେଉଛି $p$-ପ୍ରକାର ଏବଂ ଅନ୍ୟଟି ହେଉଛି $n$-ପ୍ରକାର

95. କେଉଁ ସଂଗଠନ ବହୁ-ବିଷୟିକ ଗବେଷଣା ବିକାଶ କରିବାରେ ପ୍ରସିଦ୍ଧ ଅଟେ ?

(1) UGC
(2) ICSSR
(3) SAIL
(4) DST

96. 2700 BC ରେ କେଉଁମାନେ ବର୍ଷର ସମୟର କ୍ରମକୁ ସ୍ଥିର କରିବାରେ ସକ୍ଷମ ହୋଇଥିଲେ ?

(1) ସୁମେରିୟ
(2) ୟୁରୋପୀୟ
(3) ଇଜିପ୍ଟ୍ ଅଧିବାସୀମାନେ
(4) ଚୀନ୍‌ବାସୀମାନେ

97. କେଉଁଥିରେ 2 ( $\sqrt{2}$ ) ର ବର୍ଗମୂଳର ମୂଲ୍ୟ ଦିଆଯାଇଅଛି :-

(1) ସୁଲ୍‌ଭା ସୂତ୍ର
(2) ଭବ ସାର
(3) ଅର୍ଥଶାସ୍ତ୍ର
(4) ପୂର୍ବ ମିମାଂଶା ସୂତ୍ର

98. ପଶ୍ଚିମ ତଟରେ ଆମ୍ବଗଛର କଲମୀ ପ୍ରକ୍ରିୟା କିଏ ଆରମ୍ଭ କରିଥିଲେ ?

(1) ଆରବମାନେ (2) ପର୍ତ୍ତୁଗୀଜ୍‌ମାନେ

(3) ବ୍ରିଟିଶ୍‌ମାନେ (4) ଚାଇନିଜମାନେ

99. ସଲ୍‌ଫର ଡାଇଅକ୍ସାଇଡ୍ ------ କାରଣରୁ ଅଧିକ ଭାବରେ ଉତ୍ପାଦିତ ହୁଏ

(1) ଜଳ ପ୍ରଦୂଷଣ (2) ଖାଇବା ତେଲ ପ୍ରଦୂଷଣ

(3) ଜୀବଶ୍ମ ଇନ୍ଧନର ପ୍ରଦୂଷଣ (4) ଅମ୍ଳଜାନର ପ୍ରଦୂଷଣ

100. ନିମ୍ନଲିଖିତ ମଧ୍ୟରୁ କାହାର ଉଦ୍ଭାବନ ସାମୁଦ୍ରିକ ଯାତ୍ରାକୁ ବହୁ ଭାବରେ ପ୍ରଭାବିତ କରିଥିଲା : -

(1) ଗନ୍ ପାଉଡର (2) ଘଡି

(3) ପବନ ଚକି (4) କଂପାସ